# ୪୦ ଜଣଙ୍କୁ ରୋଜଗାର ଯୋଗାଇଛନ୍ତି ଇଞ୍ଜିନିୟର ଚାଷୀ

ରାୟଗଡ଼ା ଅଫିସ,୧୮।୧୧

ଗୋଟିଏ ପଟେ ଚାଷୀ ଚାଷକାମରୁ ଦୂରେଇ ଚାକିରି ପାଇଁ ରାଜ୍ୟ ବାହାରକୁ ଯାଉଥିବାବେଳେ ଅନ୍ୟପଟେ ଯୁବଗୋଷ୍ଠୀ ଚାକିରି ଛାଡ଼ି ଚାଷକୁ ଆପଣାଉଛନ୍ତି। ଆଧୁନିକ ପ୍ରଣାଳୀରେ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଯୋଗାଇବାକୁ ଇଚ୍ଛାପ୍ରକାଶ କରୁଛନ୍ତି। ଏଭଳି ଜଣେ ଯୁବ ଚାଷୀ ହେଲେ ରାୟଗଡ଼ା ଜିଲା କୋଲନରା ବ୍ଲକ ପେଣ୍ଠା ପଞ୍ଚାୟତ ଅନ୍ତର୍ଗତ ଅମ୍ଳାଭଟା ଗ୍ରାମର ସତ୍ୟ ପ୍ରବୀଣ (୩୫)। ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେସନରେ ବି. ଟେକ୍ କରି ସେ ବିଭିନ୍ନ ବଡ଼ କମ୍ପାନୀରେ କାମ କରିଛନ୍ତି। ମାଲେସିଆର ଏକ ଘରୋଇ କମ୍ପାନୀରେ କାମ କରି ଭଲ ଦରମା ମଧ୍ୟ ପାଉଥିଲେ। ହେଲେ ଦେଶ ବାହାରେ



କାମ କରିବା ବଦଳରେ ଗାଁରେ ଚାଷ କରି ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସେ ଚିନ୍ତା କରି ଗାଁକୁ ଫେରିଥିଲେ। ଏବେ ସତ୍ୟ ପ୍ରବୀଣ ଆତ୍ମନିର୍ଭର ହେବା ସହ ୪୦ ଜଣଙ୍କୁ କାମ ଯୋଗାଇ ଅନ୍ୟପାଇଁ ଉଦାହରଣ ପାଲଟିଛନ୍ତି।

ପାରମ୍ପରିକ ଚାଷ ବଦଳରେ ସତ୍ୟ ପ୍ରବୀଣ ଆଧୁନିକ ଚାଷ ପ୍ରଣାଳୀକୁ ଆପଣାଇ ସଫଳତା ପାଇଛନ୍ତି। ସତ୍ୟ ପ୍ରବୀଣଙ୍କ ବାପା କପା ଏବଂ ପାମ୍ ଅଏଲ ଚାଷ କରି ସତ୍ୟ ପ୍ରବୀଣଙ୍କ ସମେତ ଅନ୍ୟ ୨ ପୁଅଙ୍କୁ ଉଚ୍ଚ ଶିକ୍ଷିତ କରାଇଛନ୍ତି। ଏବେ ସତ୍ୟ ପ୍ରବୀଣ ମଧ୍ୟ ବାପାଙ୍କ ପଥକୁ ଅନୁସରଣ କରିଛନ୍ତି। ଚାକିରି ଛାଡ଼ି ଚାଷ କରିବା ନିଷ୍ପତ୍ତିକୁ ପ୍ରଥମେ ପରିବାର ଲୋକ ଗ୍ରହଣ କରି ନ ଥିଲେ ମଧ୍ୟ ନିଜ ଇଚ୍ଛାଶକ୍ତି ଏବଂ ନିଷ୍ଠା ବଳରେ ସତ୍ୟ ପ୍ରବୀଣ ସଫଳତା ପାଇ ମସସ୍ତଙ୍କୁ ଚକିତ କରିଛନ୍ତି। ୧୦ ମାସ ହେଲା ସେ ଚାଷ ଆରମ୍ଭ କରିଛନ୍ତି। ଲିଜ୍‌ରେ ଜମି ନେଇ ସେ ଫୁଲକୋବି, ଟମାଟ, ଲେମନ୍ ଗ୍ରାସ୍ ଆଦି ଚାଷ କରୁଛନ୍ତି। ତେବେ ପାରମ୍ପରିକ ଭାବେ ବର୍ଷା ଉପରେ ନିର୍ଭର ନ କରି ସତ୍ୟ ପ୍ରବୀଣ ଡ୍ରିପ୍ ଜଳସେଚନ ମାଧ୍ୟରେ ଚାଷ କରୁଛନ୍ତି। ବୋର୍‌ୱେଲରୁ ପାଇପ ଦ୍ୱାରା ସିଧାସଳଖ ବୁନ୍ଦା ଜଳସେଚନ କରୁଛନ୍ତି। ଏହାଦ୍ୱାରା ବାଟରେ ପାଣି ଅପଚୟ ମଧ୍ୟ ହେଉନାହିଁ। ୧୦ ଏକର ଜମିରେ ଫୁଲକୋବି, ୬ ଏକର ଜମିରେ ଲେମନ ଗ୍ରାସ୍, ସାଢ଼େ ୩ ଏକରରେ ଟମାଟୋ ଲଗାଇଛନ୍ତି। ତାଙ୍କ ଦ୍ୱାରା ଉତ୍ପାଦିତ ପରିବା ଗଞ୍ଜାମ ଜିଲାର ବ୍ରହ୍ମପୁର, ହିଞ୍ଜିଳିକାଟୁ ସମେତ ରାୟଗଡ଼ା, ଜେକେପୁର, ଥେରୁବାଲି ଏପରି ବିଭିନ୍ନ ଅଞ୍ଚଳକୁ ଯାଇଥାଏ। ଏ ନେଇ ସହାୟକ ଉନ୍ନୟନ ଉଦ୍ୟାନ କୃଷି ବିଭଗ ଅଧିକାରୀ ରାକେଶ ମିଶ୍ର କହିଛନ୍ତି, ବିଭାଗ ତରଫରୁ କୃଷି କାର୍ଯ୍ୟରେ ସବ୍‌ସିଡି ପ୍ରଦାନ କରାଯାଉଛି। ଡ୍ରିପ୍ ଉପାୟରେ କୃଷି ବହୁତ ଉପଯୋଗୀ ହେଉଛି। ତେଣୁ ଚାଷ ପାଇଁ ଆସୁଥିବା ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରାଯାଉଛି ବୋଲି ସେ କହିଛନ୍ତି।



ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀ ପ୍ରତିବାଦ କରୁଛନ୍ତି।

## ସଂକ୍ଷେପରେ

### ପାଠାଗାର ପାଇଁ ଶିଳାନ୍ୟାସ



ଗୁଣପୁର,୧୮।୧୧(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ସମ୍ମିଳନୀ କକ୍ଷ ନିକଟରେ ଏକ ପାଠାଗାର ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥିତ ରହି ପାଠାଗାର ନିମନ୍ତେ ଶୁଭ ଦେଇଥିଲେ। ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ ହେବାକୁ ଥିବାବେଳେ ଅଧିକ ଅର୍ଥ ଆବଶ୍ୟକ ହେଲେ ତାହା ତାହା ପ୍ରଦାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସମେତ ଓକିଲ ଉମାଚରଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ସମେତ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।

### ବନ କାର୍ଯ୍ୟାଳୟ-ରେଳ ଷ୍ଟେଶନ ରାସ୍ତା ଅନ୍ଧାର

ବଢ଼ୁଛି ଅସାମାଜିକ କାର୍ଯ୍ୟକଳାପ

ଟିକିରି,୧୮।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସ୍ଥିତ ବନ ବିଭାଗ କାର୍ଯ୍ୟାଳୟ ଠାରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ରହିଛି। ଫଳାର ରାତିରେ ଯାତ୍ରୀଙ୍କ ଯିବା ଆସିବାରେ ସମସ୍ୟା ହେଉଛି। ପ୍ରାୟ ଦୁଇ ବର୍ଷ ତଳେ ରେଲ୍‌ୱେ ପକ୍ଷରୁ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତି ସମୟରେ କେତୋଟି ଲାଇଟ ଖରାପ ହୋଇଯାଇଥିବା ବେଳେ ଆଉ କେତୋଟି ଭାଙ୍ଗିଯାଇଛି। ଏବେ ଏହି ରାସ୍ତା ଅନ୍ଧାର। ଏହାର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢ଼ୁଛି। ଫଳରେ ଲୋକେ ଯିବା ଆସିବା କରୁଥିବାରେ ଅସୁରକ୍ଷିତ ମନେ କରୁଛନ୍ତି। ସେହିଭଳି ଗତବର୍ଷ ଜଣେ ଯାତ୍ରୀ ଆସୁଥିବା ବେଳେ ଦୁର୍ବୃତ୍ତ ତାଙ୍କ ଫୋନ୍ ଏବଂ ଟଙ୍କା ଛଡ଼େଇ ନେଇ ଚମ୍ପଟ ମାରିଥିଲେ। ରେଲ୍‌ୱେ ପକ୍ଷରୁ ନୂତନ ଲାଇଟ ଲଗାଇବାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହୋଇଛି।

### ଆବାଡା ଏଜୁକେଶନାଲ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ ଦାବି

ଗୁଣପୁର,୧୮।୧୧(ଡି.ଏନ୍.ଏ.)-ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ଅଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳ ଲୋକନାଥ ଦଳ ବେହେରାଙ୍କୁ ପ୍ରଦାନ କରାଯାଇଛି। ଆବାଡାଠାରେ ୨୦୧୫ ମସିହାରେ ଏଜୁକେସନାଲ କଂପ୍ଲେକ୍ସ ନିର୍ମାଣ ଆରମ୍ଭ ହୋଇଥିଲା। ୨୦୧୯ରେ ଏହାର ଉଦ୍‌ଘାଟନ କରାଯାଇଥିଲା। ୩ କୋଟି ୭୫ ଲକ୍ଷ ଟଙ୍କାରେ ଏହି ନିର୍ମାଣ କରାଯାଇଥିଲା। ତେବେ ଉଦ୍‌ଘାଟନ ପରଠାରୁ ଏହା ବନ୍ଦ ରହିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର



ଅସନ୍ତୋଷ ପ୍ରକାଶ ପାଇଛି। କାହିଁକି ଏହା ବନ୍ଦ ରହିଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହା ବନ୍ଦ ହେବା ଦ୍ୱାରା ଲାଞ୍ଜିଆ ସୌର ଆଦିବାସୀ ଛାତ୍ରୀଛାତ୍ର ପାଠ ପଢାରୁ ବଞ୍ଚିତ ହୋଇଛନ୍ତି। ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ଏହାକୁ ଉଦ୍‌ଘାଟନ କରା ନ ଗଲେ ଯାହା ପରିସ୍ଥିତି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମାଥ୍ୟୁ ଦଳବେହେରା, ଇନାନ ଶବର, ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, ଦିବସ ରାଇକା,ଦାମଦୋର ଶବର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ବରିଷ୍ଠ କଂଗ୍ରେସ ନେତା ରଘୁ ପାତ୍ର, ତରଣୀ ଶତପଥୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଦଣ୍ଡସୁନାଗୁଡା ଷ୍ଟଲ ଗରିବ, ଭିନ୍ନକ୍ଷମଙ୍କୁ ଦେବାକୁ ଦାବି

ଜୟପୁର, ୧୮।୧୧ (ନି.ପ୍ର.)- ଜୟପୁର ବ୍ଲକ ଦଣ୍ଡସୁନାଗୁଡାରେ ନିର୍ମିତ ଷ୍ଟଲ ଗରିବ ଓ ଭିନ୍ନକ୍ଷମଙ୍କୁ ଦେବାକୁ ଦାବି ହୋଇଛି। ଶୁକ୍ରବାର ସାମାଜିକ କର୍ମୀ ବି.ହରି ଜୟପୁର ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ଦଣ୍ଡସୁନାଗୁଡାରେ ସରକାରଙ୍କ ପକ୍ଷରୁ ହୋଇଥିବା ଷ୍ଟଲଗୁଡିକ ନିର୍ମାଣ ହୋଇ ପ୍ରାୟ ବର୍ଷେ ହେବ ସେପରି ରହି ଏବେ ନଷ୍ଟ ହେବାକୁ ବସିଲାଣି। ତାହା କୌଣସି କାର୍ଯ୍ୟରେ ଲଗାଯାଉନାହିଁ। ଉକ୍ତ ଗ୍ରାମ ଏବଂ ପଞ୍ଚାୟତରେ ଅନେକ ଭିନ୍ନକ୍ଷମ ଓ କାର୍ଯ୍ୟ ଅକ୍ଷମ ବ୍ୟକ୍ତି ଅଛନ୍ତି। ବ୍ଲକ ପ୍ରଶାସନ ଷ୍ଟଲଗୁଡିକ ନଷ୍ଟ ହେବା ପୂର୍ବରୁ ସେମାନଙ୍କୁ ପ୍ରଦାନ କଲେ ସେମାନେ ଜିବୀକା ନିର୍ବାହ କରିପାରିବେ ବୋଲି ଉଲ୍ଲେଖ ରହିଛି।

# ସିପିଆଇ (ଏମ୍‌ଏଲ୍) ଲିବରେସନର ବ୍ଲକ ସମ୍ମିଳନୀ



ସିପିଆଇ(ଏମ୍‌ଏଲ୍)ଲିବରେସନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ପଦ୍ମପୁର,୧୮।୧୧(ଡି.ଏନ୍.ଏ.)

ପଦ୍ମପୁର ବ୍ଲକ ଇଦୁପୁର ପଞ୍ଚାୟତ କୋଇଲିକଟା ଗ୍ରାମଠାରେ ୪ର୍ଥ ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା କରାଯିବା ସହ ପତାକା ଉତ୍ତୋଳନ କରାଯାଇ ଦିବଂଗତ ରାମଚନ୍ଦ୍ର କୁଣ୍ଡିଗିଂ ଓ ମିନାରାଓ ଖଣ୍ଡଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପରେ ଆୟୋଜିତ ସମ୍ମିଳନୀରେ ଶହୀଦଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ପଦ୍ମପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୮୦ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ୧୯ ଜଣଙ୍କୁ ନେଇ ଏକ କମିଟି ଗଠନ କରାଯାଇ ପଦ୍ମପୁର ବ୍ଲକ ସମ୍ପାଦକ ଭାବେ ରାଜେନ୍ଦ୍ର ମାଝିଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ସିପିଆଇଏମ୍‌ଏଲ୍ ପକ୍ଷରୁ ୨୦୨୩ ଫେବୃୟାରୀ ୧୫ ରୁ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବ ଭାରତୀୟ ସମ୍ମିଳନୀ ବିହାରର ରାଜଧାନୀ ପାଟ୍‌ନା ଠାରେ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ଆହ୍ୱାନ କରାଯାଇଥିଲା। ଦେଶରେ ଗରିବ ଲୋକଙ୍କ ଉପରେ ବୁଲଡୋଜର ରାଜକୁ ବନ୍ଦ କରିବା, କେନ୍ଦ୍ର ସରକାର ଆଣିଥିବା ଜଙ୍ଗଲ ଆଇନ ୨୦୨୨ ବନ୍ଦ, ଗ୍ରାମସଭାକୁ ଅକାମୀ କରିବା ଚକ୍ରାନ୍ତ ବନ୍ଦ, ସମସ୍ତଙ୍କୁ ସିଲିଂ ବର୍ହିଭୂତ ଜମି, ଜଂଗଲ ଜମି, ଘରଡିହ ପଟା ଯୋଗାଇବା, ଧାନର ସହାୟତା ମୂଲ୍ୟ କୁଇଣ୍ଟାଲ ୩୦୦୦ ଟଙ୍କା ସହ ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ପ୍ରଦାନ, ବିଦ୍ୟୁତ ଆଇନ ପ୍ରତ୍ୟାହାର ପ୍ରମୁଖ ଦାବି ନେଇ ସମ୍ମିଳନୀ ଅନୁଷ୍ଠିତ ହେବ। ନୂତନ କମିଟି ସଦସ୍ୟଙ୍କ ମଧ୍ୟରେ ତ୍ରିପତି ଗମାଙ୍ଗ, ରାଜେନ୍ଦ୍ର ମାଝି, ଭୀମ ମାଝି, ଏଲିଅ ମାଝି, କର୍ଣ୍ଣଏଲ ଗମାଙ୍ଗ, ଅର୍ଜୁନ ଶବର, ମନ୍ଦୋଦରୀ ଶବର, ବାଲାଜୀ ନିମାଳା, ଲକ୍ଷ୍ମୀକାନ୍ତ ମିଶାଲ,ଭଗବାନ ପାଲାକା, ଅର୍ଜୁନ ଶବର, ତୁଳସା ନିମାଲ ଓ ଅନ୍ୟ ୧୯ ଜଣ ସଦସ୍ୟ ରହିଛନ୍ତି।

## ମହୁମାଛି ଆକ୍ରମଣରେ ୬ ଗୁରୁତର

ପାପଡାହାଣ୍ଡି,୧୮।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତ କୁଶଗୁଡାରେ ଶୁକ୍ରବାର ମହୁ ମାଛି ଆକ୍ରମଣରେ ୬ ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ସନମତି ସାନ୍ତା (୫୫), ଧନେଇ ସାନ୍ତା (୨୫), ଭାନୁମତି ସାନ୍ତା (୪୮), ମୋତେଇ ସାନ୍ତା (୫୫), ଅସ୍ତମା ସାନ୍ତା (୨୮), ଆସାତୁ ସାନ୍ତା (୬୦)। ସୂଚନା ମୁତାବକ ଆହତମାନେ ଅପରାହ୍ନରେ ମକା ଭାଙ୍ଗୁଥିବା ବେଳେ ଅସାବଧନତା କାରଣରୁ ପାଖରେ ଥିବା କାଜୁ ଗଛରେ ଥିବା ମହୁ ମାଛି ସେମାନଙ୍କୁ ଆକ୍ରମଣ କରିଥିଲା। ଏହାପରେ ଆମ୍ବୁଲାନ୍ସରେ ସମସ୍ତଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ‘ରାଜ୍ୟ ବାହାରକୁ ଯିବା ପୂର୍ବରୁ ପଞ୍ଜୀକରଣ କରାନ୍ତୁ’



ଅତିରିକ୍ତ ଜିଲାପାଳ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା ଅଫିସ,୧୮।୧୧

ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା ସୁଯୋଗ ଓ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ରାୟଗଡ଼ା ଜିଲା ଶ୍ରମ ବିଭାଗ ପକ୍ଷରୁ ଏକ ସଚେତନତା ରଥ ଶୁକ୍ରବାର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥକୁ ଶୁଭାରମ୍ଭ କରିଥିଲେ। ଏହି ରଥ ସପ୍ତାହ ବ୍ୟାପି ଜିଲା ପରିକ୍ରମା କରି ସଚେତନ କରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ, ଡିଆଇପିଆର୍‌ଓ ବସନ୍ତ ପ୍ରଧାନଙ୍କ ସମେତ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ, ଶ୍ରମ ନିରୀକ୍ଷକ ଏବଂ

**ଶ୍ରମ ବିଭାଗ ପକ୍ଷରୁ ଗଡ଼ିଲା ସଚେତନତା ରଥ**

ଶ୍ରମିକମାନେ ଉପସ୍ଥିତ ଥିଲେ। ଶୀତ ଦିନରେ ରାୟଗଡ଼ା ଜିଲାରୁ ଅନେକ ଶ୍ରମିକ ରାଜ୍ୟ ବାହାରକୁ ଶ୍ରମିକ ଭାବେ କାମ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ସେମାନେ ଦଲାଲ କବଳରୁ କିପରି ରକ୍ଷା ପାଇବେ, ଯିବା ପୂର୍ବରୁ ନିଜକୁ ପଞ୍ଜୀକୃତ କରାଇବା, ସୁରକ୍ଷିତ ଭାବେ କାର୍ଯ୍ୟସ୍ଥଳରେ ପହଞ୍ଚିବା ସହ ଅନ୍ୟ ସମସ୍ୟାର ସମ୍ମୁଖୀନ ହେଲେ ଶ୍ରମ ବିଭାଗର ସହଯୋଗ ଲୋଡ଼ିବା ପାଇଁ ସଚେତନ କରାଯି। ଗତବର୍ଷ ପ୍ରାୟ ୮ଶହ ପ୍ରବାସୀ ଶ୍ରମିକ ପଞ୍ଜୀକୃତ ହୋଇଥିବା ନେଇ ଜିଲା ଶ୍ରମ ଅଧିକାରୀ ଯସ୍ମୀନ ସାହୁ ପ୍ରକାଶ କରିଛନ୍ତି।

# ଓଡ଼ିଶାର ନିରନ୍ତର ବିକାଶ ଲକ୍ଷ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କୋରାପୁଟ,୧୮।୧୧(ସ୍ୱ.ପ୍ର.)– କୋରାପୁଟ ଜିଲା ପ୍ରଶାସନ ଓ ଜିଲା ଯୋଜନା ଓ ସଂଯୋଜନ ବିଭାଗ ଦ୍ୱାରା ଶୁକ୍ରବାର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଓଡିଶାର ନିରନ୍ତର ବିକାଶ ଲକ୍ଷ୍ୟରେ ୨୦୩୦ କାର୍ଯ୍ୟସୂଚୀର ସଫଳ ରୂପାୟନ ନେଇ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏଥିରେ ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରଭ ଶିବାଜୀ ଇସ୍ଲାୱାର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଆସନ୍ତା ୨୦୩୦ ସୁଦ୍ଧା କ୍ଷୁଧାମୁକ୍ତ, ଦାରିଦ୍ରମୁକ୍ତ, ଭ୍ରଷ୍ଟାଚାର ମୁକ୍ତ, ପାନୀୟଜଳ ସମସ୍ୟା ମୁକ୍ତ, ସ୍ୱଚ୍ଛ ପରିବେଶ, ସବୁଜ ଗ୍ରାମ ଗଠନ ଆଦି ୧୭ ସୂତ୍ରୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ଉପରେ ଜିଲାର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏହି ଶିବିରରେ ଜିଲା ଯୋଜନା ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ରିସର୍ଚ୍ଚ ଅଧିକାରୀ ଭାବେ ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଅଳକା ଜେନା, ରମେଶ ଚାଲାଣ, ଭେଙ୍କେଟେଶ ନାୟକ, ସନ୍ତୋଷ ବେହେରା, ଏପିଡି ହିମାଂଶୁ ଶତପଥୀ ପ୍ରମୁଖ ଯୋଗଦେଇ ଜିଲାର ୬୫ ଜଣ ଅଧିକାରୀଙ୍କୁ ତାଲିମ ଦେଇଥିଲେ। ଶନିବାର ଏହି କାର୍ଯ୍ୟକ୍ରମରେ କୋରାପୁଟ ବ୍ଲକର ମହ୍ରିପୁଟ ପଞ୍ଚାୟତ ଓ ଦଶମନ୍ତପୁର ବ୍ଲକର ଆଡମଣ୍ଡା ମାଲକାନାଗିରି ଗ୍ରାମକୁ ପରିଦର୍ଶନ କରି ଗ୍ରାମବାସୀମାନଙ୍କ ମତ ସଂଗ୍ରହ କରାଯିବାକୁ ସ୍ଥିର ହୋଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପିଲାଙ୍କ ସଫଳତା

୩ୟ, ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ

ଗୁଣପୁର,୧୮।୧୧(ଡି.ଏନ୍.ଏ.)– ରାଜ୍ୟ ସରକାରଙ୍କ ବୃତ୍ତି ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି କ୍ରମରେ ରାୟଗଡ଼ା ଜିଲା ଗୁଣପୁର ଶିକ୍ଷା ବିଭାଗ ଅଧୀନରେ ଦେଇଥିବା ୩ୟ ଏବଂ ୫ ମ ଶ୍ରେଣୀ ପିଲାଙ୍କ ବୃତ୍ତି ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଛି। ଏଥିରେ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ୟ ଶ୍ରେଣୀର ସ୍ୱସ୍ତିକ ମହାପାତ୍ର, ଅଞ୍ଜଳି ପାଣିଗ୍ରାହୀ ଏବଂ ପ୍ରତ୍ୟୁଷ ପାଢ଼ୀ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଛନ୍ତି। ଗୁଣପୁର ପିଏସ୍ ଏକ୍ସ ବୋର୍ଡ ସ୍କୁଲର ରୁଦ୍ର ପ୍ରକାଶ ସାହୁ, ଡମ୍ବସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କେ. ଜାବିଲି, ନିବେଦିତା ଶବର ଏବଂ ପିଏସ୍ ଏକ୍ସ ବୋର୍ଡ ସ୍କୁଲ ଗୁଣପୁରର ଆରାଧ୍ୟ ସିଂ ୪ର୍ଥ, ୫ମ, ୬ ଷଷ୍ଠ ଏବଂ ୭ମ ସ୍ଥାନରେ ରହିଛନ୍ତି। ସେହିଭଳି ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ବିଚିତ୍ରା ମହାରଣା, ଶୁଭସ୍ମିତା ପାଢ଼ୀ ୧ମ ଏବଂ ୨ୟ ହୋଇଛନ୍ତି। ସେହିପରି ଏସବିପେଣ୍ଠ ସ୍କୁଲର ଶୈଳୁ ବାଉରି, ଟିଟିମିରି ୟୁପିଏସର ସଞ୍ଜୟ ଶବର, ପିଏସ୍ ଏକ୍ସ ବୋର୍ଡ ସ୍କୁଲର ଆଦ୍ୟାଶା ସିଂ, ଡମ୍ବସରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପି. ରାହୁଲ ଚୌଧୁରି ଏବଂ ଆଶୁତୋଷ ପଣ୍ଡିତ ୩ୟ, ୪ର୍ଥ, ୫ମ, ୬ଷ୍ଠ ଏବଂ ୭ମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପିଲାଙ୍କ ଏହି ସଫଳତା ପାଇଁ ଅନୁଷ୍ଠାନ ପକ୍ଷରୁ ପିଲାଙ୍କୁ କୃତଜ୍ଞତା ଏବଂ ଶୁଭେଚ୍ଛା ଜଣାଯାଇଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ

ମାଲକାନଗିରି, ୧୮।୧୧(ଡି.ଏନ.ଏ.)

ରାଜ୍ୟ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ଚଢା ଶୁକ୍ରବାର ତିନିଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାପାଳ ବିଶାଲ ସିଂ, ଖଣ୍ଡୀୟ ବନ ଅଧିକାରୀ ପ୍ରତାପ କୋଟାପଲ୍ଲି, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଚଢାଙ୍କୁ ମାଲକାନଗିରି ଜିଲା ପାଇଁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତି କରିଛନ୍ତି। ଏହି ଅବସରରେ ସେ କହିଥିଲେ, ରାଜ୍ୟ ସରକାର ଏହି ଜିଲାର ସର୍ବାଙ୍ଗୀନ ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। କୃଷିର ଉନ୍ନତି ପାଇଁ ସରକାର କ୍ରପ ଡାଇଭରସିଫିକେଶନ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । ଫଳରେ ଆଗାମୀ


ସମ୍ମିଳନୀ କକ୍ଷରେ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରୁଛନ୍ତି ପ୍ରମୁଖ ଶାସନ ସଚିବ।

ଦିନରେ ଏହି ଜିଲା ମାଣ୍ଡିଆ ଓ ପୁଷ୍ଟି ଶସ୍ୟ କ୍ଷେତ୍ରରେ ଓଡିଶାରେ ଏକ ହବ ରୂପେ ଉଭା ହୋଇପାରିବ। ଏଥିସହ ପାକ୍ସ ଓ ଲାମ୍ପରେ କୋର ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡିହେବାରେ ଓଡିଶା ଦେଶରେ ଆଗୁଆ ରହିଛି। କ୍ଷେତ୍ର ସ୍ତରରେ ଯେପରି କୌଣସି ଚାଷୀ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ପ୍ରତି ପଞ୍ଚାୟତ ଓ ବ୍ଲକରେ ବ୍ୟାଙ୍କ ଲୋନ କ୍ୟାମ୍ପମାନ ଆୟୋଜନ କରିବା ପାଇଁ ଅଧିକାରୀମାନେ ତଦାରଖ କରିବାକୁ ସେ ପରାମର୍ଶ ଦେଇଥିଲେ। ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ପ୍ରତ୍ୟେକ ପିଏଚସିରେ ଭିତ୍ତିଭୂମି ସୁଦୃଢ କରିବା, ପ୍ରତି ଗ୍ରାମ ଏବଂ ହଷ୍ଟେଲଗୁଡିକରେ ପାନୀୟ ଜଳ ଯୋଗାଣ ନିମନ୍ତେ ବ୍ୟବସ୍ଥା କରିବାକୁ ମଧ୍ୟ ପ୍ରମୁଖ ଶାସନସଚିବ ଚଢା ଆଲୋଚନା ବେଳେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ , ପିଏ ଆଇଟିଡିଏ ତ୍ରିନାଥ ମାଝୀଙ୍କ ସମେତ ଜିଲାର ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ସୁରଭିରେ ରାୟଗଡ଼ା ଜିଲାକୁ ୧୧ ପୁରସ୍କାର


ରାୟଗଡ଼ା ଜିଲାର କୃତୀ ପ୍ରତିଯୋଗୀମାନେ।

ରାୟଗଡ଼ା ଅଫିସ,୧୮।୧୧

ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ୧୪ ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ୟୁନିଟ ୯ ବାଳକ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହୋଇଥିଲା। ଏଥିରେ ରାୟଗଡ଼ା ଜିଲାରୁ ୬୭ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲାର ଛାତ୍ରୀଛାତ୍ର ୧ମ ୨ୟ ଏବଂ ୩ୟ ସ୍ଥାନ ଅଧିକାର କରି ମୋଟ ୧୧ ଗୋଟି ପୁରସ୍କାର ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ସହ କୋର୍ଅର୍ଡିନେଟର ଦୀପକ କୁମାର ରାଉତ ଯାଇଥିଲେ।

## ଯାଦବ ମହାସଭା ପକ୍ଷରୁ ଶୌର୍ଯ୍ୟ ଦିବସ ପାଳିତ

ଜୟପୁର, ୧୮।୧୧ (ନି.ପ୍ର.)

କୋରାପୁଟ ଜିଲା ଯାଦବ ମହାସଭା ପକ୍ଷରୁ ଶୁକ୍ରବାର ଶୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି । ଜୟନ୍ତୀଗିରିଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଦୀପ ବେହେରା ଯୋଗଦେଇ ଏହି ଦିବସ ଉପରେ ମତ ରଖି ଭାରତୀୟ ସେନାରେ ଯାଦବ(ଅହିର) ରେଜିମେଣ୍ଟ ସ୍ଥାପନ ନେଇ ତଥ୍ୟ ରଖିଥିଲେ । ୧୯୬୨ରେ ହୋଇଥିବା ଭାରତ–ଚୀନ ଯୁଦ୍ଧରେ ଶହୀଦ ହୋଇଥିବା ୧୧୪ ଜଣ ଯାଦବଙ୍କୁ ଭାରତ ସରକାର ମନେ ପକାଇବା ଉଚିତ। ଭାରତ ସୀମାର ରେଞ୍ଜଗଲାଠାରେ ରହିଥିବା ଅହିର ସ୍ତମ୍ଭ ଏହାର ମୁକସାକ୍ଷୀ। ଏହାକୁ ନେଇ ଯାଦବମାନେ ଆଜି ଗର୍ବିତ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। କୋରାପୁଟ ଜିଲା ସଭାପତି ମଦନମୋହନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଜୟପୁର ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ସମ୍ମାନିୟ ଅତିଥି ଭାବେ ନବରଙ୍ଗପୁର ସଭାପତି ଦେବଦାସ ମହାଙ୍କୁଡ଼, ମାଲକାନଗିରି ସଭାପତି କବିରାଜ ପରମେଶ୍ୱର ପାତ୍ର, ଉପଦେଷ୍ଟା ପଞ୍ଚାନନ ଗୌଡ଼, ସାଥୀରାମ ନାୟକ, ନରେନ୍ଦ୍ର ନାୟକ, ସାଗର ନାୟକ, ଚନ୍ଦନ ନାୟକ, ମନୋଜ ଗୌଡ଼, ଗୁପ୍ତ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଶହୀଦ ସ୍ତମ୍ଭରୁ ମାଟି ଆସି ଭାରତ ସାରା ଏକ ରଥ ପରିକ୍ରମା କରିବ। ଏହି କ୍ରମରେ କୋରାପୁଟ ଜିଲାରେ ରଥ ପହଞ୍ଚିଲେ ଏହାକୁ ସମ୍ବର୍ଦ୍ଧିତ କରାଯିବ ବୋଲି କାର୍ଯ୍ୟକ୍ରମରେ ସ୍ଥିର ହୋଇଥିଲା । ଜିଲା ସଂପାଦକ ରାଜେନ୍ଦ୍ର ଗୌଡ଼ ଧନ୍ୟବାଦ ଦେଇଥିଲେ ।

# ସ୍କୁଲରେ ତାଲା ପକାଇ ପରୀକ୍ଷା ବାତିଲ କଲେ ଗ୍ରାମବାସୀ

କୋଡିଙ୍ଗା,୧୮।୧୧(ଡି.ଏନ୍.ଏ.)

ପରୀକ୍ଷା ସମୟରେ ଶିକ୍ଷୟିତ୍ରୀ ଶିକ୍ଷକ କର୍ତ୍ତବ୍ୟରେ ଅବହେଳାକୁ ନେଇ ସ୍କୁଲରେ ତାଲା ପକାଇଛନ୍ତି ଗ୍ରାମବାସୀ। ଫଳରେ ପରୀକ୍ଷା ବାତିଲ ହୋଇଛି। ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଆଟିଗାଁ ପଞ୍ଚାୟତ ଗୋଟିବେଡା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ଗୋଟିବେଡା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୬୫ଜଣ ଛାତ୍ରୀଛାତ୍ର ଅଛନ୍ତି। ସେମାନଙ୍କ ପାଇଁ ୬ଜଣ ଶିକ୍ଷକ ରହିଛନ୍ତି। ତେବେ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ ସମୟରେ ଆସୁ ନ ଥିବା ଓ ପିଲାଙ୍କୁ ପାଠ ପଢ଼ାଉ ନ ଥିବା ନେଇ ଗ୍ରାମବାସୀ ୯ ତାରିଖରେ ଲିଖିତଭାବେ ବିଇଓଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହାପରେ ଶୁକ୍ରବାର ବିଦ୍ୟାଳୟରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଚାଲିଥିବା ଏଲ୍‌ଆରପି ପରୀକ୍ଷାକୁ ବନ୍ଦ କରାଇ ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ସିଆରସିସି ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବହୁ ବୁଝାଶୁଝା କରିଥିଲେ


ସ୍କୁଲ ଫାଟକରେ ତାଲା ପକାଇ ଗ୍ରାମବାସୀ ଅଭିଯୋଗ ଜଣାଉଛନ୍ତି।

**ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟରେ ଅବହେଳା କରୁଥିବା ଗ୍ରାମବାସୀଙ୍କ ଅଭିଯୋଗ**

ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏ ନେଇ ବିଇଓ ସୁବାଷ ଚନ୍ଦ୍ର ରାୟଙ୍କୁ ଯୋଗାଯୋଗ କରିବାରୁ ସ୍କୁଲର ଆଭ୍ୟନ୍ତରୀଣ ମାମଲାକୁ ନେଇ ଶିକ୍ଷକମାନଙ୍କ ଭୂମିକା ରହିବା ଯୋଗୁ ତାଲା ଠୁଙ୍କିବା ଘଟଣା ଘଟିଛି। ଏଥିରେ କନିଷ୍ଠ ଶିକ୍ଷକ କୃଷ୍ଣ ପ୍ରସାଦ ଭୂୟାଁଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସ୍ୱରୁପା ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

ଜୟପୁର, ୧୮।୧୧ (ନି.ପ୍ର.)- କୋରାପୁଟ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କୁ ୧୪ ଦଫା ସମ୍ବଳିତ ଏକ ଦାବି ପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି । ମଞ୍ଚ ସମ୍ପାଦକ ନରେନ୍ଦ୍ର ମହାନ୍ତି ଏହା ପ୍ରଦାନ କରଥିଲେ। ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ମଣ୍ଡି ଖୋଲିବା, ମଣ୍ଡିରେ ଏକର ପିଛା ଜଳସେଚିତ ଜମିର ୨୫ କୁଇଣ୍ଟାଲ ଓ ଅଣଜଳସେଚିତ ଜମିର ୨୦ କୁଇଣ୍ଟାଲ ଧାନ କ୍ରୟ କରିବା, ଏଫ.ଓ.କ୍ୟୁ ନାମରେ ୫ରୁ ୧୫ କେଜି ଧାନ କାଟିବା ବନ୍ଦ କରିବା, ଖାଲି ଅଖା ଓ ହ୍ୟାଣ୍ଡଲିଂ ଚାର୍ଜ ଚାଷୀଙ୍କୁ ପ୍ରଦାନ କରିବା, ଧାନ କ୍ରୟ କ୍ଷେତ୍ରରେ ଧାନ ଓଜନ କରି ଚାଷୀଙ୍କୁ ଭେଣ୍ଡର ରସିଦ ଦେବା, ସେହି ଦିନ ଧାନ ଉଠାଯିବା ବ୍ୟବସ୍ଥା କରିବା, ମଣ୍ଡି ଭିତ୍ତିଭୂମିର ଉନ୍ନତି କରିବା, ଧାନମଣ୍ଡିଗୁଡିକରେ ନକଲି , ଭୂତ ଚାଷୀ ପି- ପାସ୍ ସହଯୋଗରେ ଧାନ ବିକ୍ରୟ କରୁଥିବା ବେଳେ ପ୍ରକୃତ ଚାଷୀ ଧାନ ବିକ୍ରି କରି ପାରୁନାହାନ୍ତି। ଏହାକୁ ରୋକିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପତ୍ରର ନକଲ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ, କୋରାପୁଟ ଓ ନବରଙ୍ଗପୁର ଏମ୍‌ପିଙ୍କ ନିକଟକୁ ପ୍ରେରଣ କରାଯାଇଛି ।

## ସରିଲା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଉପ ସଭାପତି ନିର୍ବାଚନ

ଜୟପୁର, ୧୮।୧୧ (ନି.ପ୍ର.)- କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଉପ ସଭାପତି ରୂପେ ଦୁରୁପୁତା ଭତ୍ରା ନିର୍ବାଚିତ ହୋଇଛନ୍ତି। ଏଠାରେ ୧୫ଟି ନିର୍ଦ୍ଦେଶକ ପଦବୀରୁ ୧୪ଟି ବିଜେଡି ସମର୍ଥିତ ପ୍ରାର୍ଥୀ ଏବଂ ଜଣେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ନିର୍ଦ୍ଦେଶକ ରୂପେ ପୂର୍ବରୁ ବିଜୟୀ ହୋଇଛନ୍ତି। ଶୁକ୍ରବାର ଦୁରୁପୁତା ଉପ ସଭାପତି ପଦ



ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କର କେହି ପ୍ରତିଦ୍ୱନ୍ଦ୍ୱି ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିବାଚିତ ହୋଇଥିବା ନିବାଚନ ଅଧିକାରୀ ତଥା ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ସୂଚନା ଦେଇଛନ୍ତି। ନାମାଙ୍କନପତ୍ର ଦାଖଲ ସମୟରେ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋଟପାଡ ବିଧାୟକ ପଦ୍ମିନୀ ଦିଆନ, ରମାକାନ୍ତ ରାଉଳ, ଇନ୍ଦିରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଉପ ସଭାପତି ଭାବେ ଦୁରୁପୁତା ବିଜୟୀ ହେବା ପରେ କେସିସି ବ୍ୟାଙ୍କ ଏମ୍ପ୍ଲୋଇଜ ଆସୋସିଏସନ ସଭାପତି ଦିଗମ୍ବର ନାୟକ, ସାଧାରଣ ସମ୍ପାଦକ ଅରୁଣ ସାହୁ, କାଯ୍ୟକାରୀ ସଭାପତି ବିଦ୍ୟାଧର ପ୍ରଧାନ, ଉପ ସଭାପତି ଅଶୋକ ରଥ, କୋଷାଧ୍ୟକ୍ଷ ଗୋଲକ ବିହାରୀ ପାଇକରାୟ, ସମ୍ପାଦକ ମନୋଜ ଦାସ, ଅତ୍ୟୁଲ ମଲ୍ଲିକ, ଲଛମନ ଦାସ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ପାତ୍ର, ସଞ୍ଜୟ ସାହୁ, ସନାତନ ଦାସ, ଈଶ୍ୱର ମହାନ୍ତି, ବୀରେନ ବିଷୋୟୀ, ରଞ୍ଜୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡିସେମ୍ବର ୧୫ରୁ ଜିଲାରେ ୧୦୪ ମଣ୍ଡିରେ ଧାନ ସଂଗ୍ରହ

କୋରାପୁଟ,୧୮।୧୧(ସ୍ୱ.ପ୍ର.)

**ଡିଏଲପିସି ବୈଠକ**
- ଜିଲାରେ ୪୪ ହଜାର ୧୫୦ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି
- ଏଫଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଧାର୍ଯ୍ୟ
- ଶୋଷଣର ଶିକାର ହେଉଛନ୍ତି: ଚାଷୀ

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଡିଏଲ୍‌ପିସିର ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ଡିସେମ୍ବର ୧୫ରୁ ଜିଲାରେ ୧୦୪ଟି ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ଖରିଫ ଋତୁ ପାଇଁ ଜିଲାରୁ ୨୧ ଲକ୍ଷ ୮ ହଜାର ୮୮୦ କୁଇଣ୍ଟାଲ ଧାନ ଆଦାୟ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କୋରାପୁଟ ଜିଲାରେ ୧୦୪ ଟି ମଣ୍ଡି କରାଯିବ । ସେଥିରୁ ୨୦ଟି ଲ୍ୟାମ୍ପସ ଓ ୧୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନ ସଂଗ୍ରହ ଲାଗି ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଏମ୍‌ପି ପ୍ରତିନିଧି ମନୋଜ



ଡିଏଲ୍‌ପିସି ବୈଠରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଆଚାର୍ଯ୍ୟ,ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କ ସମେତ ବିଭିନ୍ନ ଲ୍ୟାମ୍ପର ଏମଡି, ମିଲର୍ସ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ, ଚାଷୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୨୨-୨୩ ଖରିଫ ବର୍ଷରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୪୪ ହଜାର ୧୫୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଚଳିତ ବର୍ଷ ସାଧାରଣ ଏଫଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଏଫଏକ୍ୟୁ ଗ୍ରେଡ ଏ ମାନର ଧାନ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବୈଠକରେ କୁହାଯାଇଥିଲା । ସେହିପରି ଡିସେମ୍ବର ୧୫ ମଧ୍ୟରେ ବ୍ଲକ ଯୋଗାଣ ଅଧିକାରୀ, ଲ୍ୟାମ୍ପସ ଅଧିକାରୀ, ମିଲର୍ସ, ଆରଏମସି ଅଧିକାରୀ ଓ ବିଭାଗୀୟ ଅଧିକାରୀମାନଙ୍କୁ ତାଲିମ କାର୍ଯ୍ୟ ଶେଷ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ କିପରି ସୁରୁଖୁରୁରେ ଶେଷ ହେବ ସେନେଇ ବିଭିନ୍ନ ମଣ୍ଡିରେ ଆବଶ୍ୟକ ପରିମାଣରେ ଟାରପିଲିନ ମହଜୁଦ ରଖିବା, ମଣ୍ଡି ପରିସରରେ ଧାନ ବସ୍ତା ରଖିବା ଓ ଚାଷୀମାନଙ୍କ ପାଇଁ ଅସ୍ଥାୟୀ ସେଡ ସହ ସେଠାରେ ଆଲୋକର ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଆରଏମସି ଓ ମିଲର୍ସମାନଙ୍କ ମଧ୍ୟରେ ସଲାସୁତରା ଯୋଗୁ ଚାଷୀମାନେ ଏକପ୍ରକାର ଶୋଷଣର ଶିକାର ହେଉଛନ୍ତି ବୋଲି ବୈଠକରେ ଉପସ୍ଥିତ ବହୁ ଚାଷୀ ଅଭିଯୋଗ କରିଥିଲେ।

# ଖବରଦାତାମାନେ ନିଷ୍ଠାପର ଭାବେ ସତ୍ୟ ଖବର ପରିବେଷଣ କରିବା ଆବଶ୍ୟକ: ଜିଲାପାଳ

କୋରାପୁଟ, ୧୮।୧୧(ସ୍ୱ.ପ୍ର.)

ଖବରଦାତାମାନେ ନିଷ୍ଠାପର ଭାବେ ସତ୍ୟ ଖବର ପରିବେଷଣ କରିବାର ଆବଶ୍ୟକତା ରହିଛି। ଫଳରେ ଏକ ସୁସ୍ଥ ସମାଜ ଗଠନ ଦିଗରେ ଏହା ସହାୟକ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ଅବଦାଲ ଏମ୍. ଅଖତାର କହିଛନ୍ତି। ସେହିପରି ମୁଖ୍ୟବକ୍ତାଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗଣମାଧ୍ୟମ ବିଭାଗର ପ୍ରଫେସର ସୌରଭ ଗୁପ୍ତା ଯୋଗଦେଇ ପ୍ରେସ୍‌ର ଇତିହାସ ଓ ବର୍ତ୍ତମାନ ସ୍ଥିତି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସେ ଖବରଦାତାମାନେ ପ୍ରେସ୍ କାଉନ୍‌ସିଲ ଗାଇଡ୍‌ଲାଇନ ଅନୁଯାୟୀ ଖବର ପରିବେଷଣ କରିବା ଦରକାର ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ଯୋଗଦେଇ ଜିଲା ପ୍ରଶାସନ ଓ ଖବରଦାତାମାନେ ମିଳିତ ଉଦ୍ୟମ ଦ୍ୱାରା ଜିଲାର ସାମଗ୍ରିକ ବିକାଶ ହୋଇପାରିବ ବୋଲି ମତ ରଖିଥିଲେ । ଏହି ଅବସରରେ ଜିଲାର ବରିଷ୍ଠ ଖବରଦାତା ଭବାନୀ ଶଙ୍କର ମିଶ୍ର, ସିଏଚ୍ ସାନ୍ତାକାର, ଅମିତାଭ ବେହେରା, କୀର୍ତ୍ତିଚନ୍ଦ୍ର ସାହୁ ,ଘନଶ୍ୟାମ ରଥ, ଜିତେନ୍ଦ୍ର ମିଶ୍ର, ସୌମ୍ୟ ରଞ୍ଜନ ସାହୁ, ସୁବୋଧ ଚେଟ୍ଟି, ଭୂଷିତ ବିଡିକା, ଗୋପାଳ ପାଢ଼ୀ, ତ୍ରିଲୋଚନ ମହାରଣା, ହୃଷୀକେଶ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଓ ପ୍ରଶାସନ ପକ୍ଷରୁ ଠିକ୍ ସୂଚନା ଦେବାରେ ଖବରଦାତାମାନଙ୍କୁ ସହଯୋଗ କରିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ପ୍ରାରମ୍ଭରୁ ପ୍ରାଣ ହରାଇଥିବା ଖବରଦାତାମାନଙ୍କ ଆତ୍ମାର ସଦ୍‌ଗତି ନେଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ସେହିପରି କୋରାପୁଟ ପ୍ରେସ୍ କ୍ଲବ ଓ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଯୋଗଦେଇ ସମାଜର ସାମଗ୍ରିକ ବିକାଶରେ ଖବରଦାତାଙ୍କ ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । କୋରାପୁଟ ପ୍ରେସ୍ କ୍ଲବର ସଭାପତି ଭବାନୀ ଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ସାମ୍ବାଦିକ ସଂଘର ସମ୍ପାଦକ ରାଜେନ୍ଦ୍ର ଗୌଡ଼, ଜିଲା ଶ୍ରମିକ ସଂଗଠନ ସଭାପତି ବାଲା ରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମୁକୁନ୍ଦଙ୍କ ସହ କଲେ ଆଲୋଚନା

ମାଥିଲି,୧୮।୧୧(ଡି.ଏନ.ଏ.)

**ସପ୍ତଗିରି ଉଲାକାଙ୍କ ମାଥିଲି ଗସ୍ତ**

କୋରାପୁଟ ଲୋକ ସଭା ସଦସ୍ୟ ସପ୍ତଗିରି ଉଲାକା ଗୁରୁବାର ମାଥିଲି ଗସ୍ତ ସମୟରେ ମାଲକାନଗିରି ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା, ମାଥିଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିନାଥ ଭୂମିଆ, ବ୍ଲକ ସଭାପତି ମଙ୍ଗଳା ଗୌଡ଼, କଂଗ୍ରେସ ଜିଲା ସମ୍ପାଦକ ଏମ୍‌ଡି ଆକବର, ପୂର୍ବତନ ସରପଞ୍ଚ ଗୌରୀ ବଟେ, ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମୁକୁନ୍ଦ ନାୟକ ଉଲାକାଙ୍କୁ ସ୍ୱାଗତ କରିଥିଲେ। ଉଲାକା ଏହି ଅବସରରେ ମାଥିଲି ଥାନା ପରିସରରେ ଥିବା ଶହୀଦ ସ୍ତମ୍ଭ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମୁକୁନ୍ଦ ନାୟକଙ୍କ ସହ ତାଙ୍କ



ମୁକୁନ୍ଦଙ୍କ ସହ ଏମ୍‌ପି ସପ୍ତଗିରି ଉଲ୍ଲାକା ।

ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଆଜି ପର୍ଯ୍ୟନ୍ତ ସେପରି କୌଣସି ସରକାରୀ ସୁବିଧା ସେ ପାଇ ନ ଥିବା ଉଲାକା ଜାଣିବାକୁ ପାଇଥିଲେ। ଏପରିକି ଏହି ଶହୀଦଙ୍କ ପରିବାରକୁ ସରକାର ପ୍ରଧାନମନ୍ତ୍ରୀ ଆବାସଟିଏ ଯୋଗାଇଦେଇ ନ ଥିବା ଜଣାଇଥିଲେ। ଶହୀଦ ପରିବାରକୁ ସରକାରଙ୍କ ପକ୍ଷରୁ ଏପରି ଅବହେଳିତ କରାଯାଇଥିବା ଶୁଣି ଏମ୍‌ପି ଉଲାକା କ୍ଷୋଭ ପ୍ରକାଶ କରିଥିଲେ। ପରେ ସେ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ତେନ୍ତୁଲିଗୁମ୍ମା ଅଭିମୁଖେ ଯାଇଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚିତ୍ରକୋଣ୍ଡା,୧୮।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଆନୁକୂଲ୍ୟରେ ଜିଲା ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ସ୍ୱାଭିମାନ ଅଞ୍ଚଳର ପଣଷପୁଟ ପଞ୍ଚାୟତରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଶିବିରରେ ଯନ୍ତ୍ରୀ ପଞ୍ଚାୟତରୁ ୧୮ଜଣଙ୍କୁ ପ୍ରଥମ ଥର ଭତ୍ତା ପ୍ରଦାନ କରାଯାଇଥିଲା । ବିଭିନ୍ନ ପଞ୍ଚାୟତ ପଣଷପୁଟ, ଯନ୍ତ୍ରୀ, ଅଣ୍ଡିରାପାଲିରୁ ଆସିଥିବା ଭିନ୍ନକ୍ଷମମାନଙ୍କ ନାମ ପଞ୍ଜୀକରଣ କରାଯାଇ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଶିବିରରେ ମୋଟ ୧୬୦ ଜଣ ନାମ ପଞ୍ଜୀକରଣ କରିଥିଲେ। ଏହି ଅବସରରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ନିମନ୍ତେ ଆବେଦନ ଗ୍ରହଣ କରାଯାଇଥିଲା।୨ଜଣଙ୍କୁ ହ୍ୱିଲ ଚେୟାର ଏବଂ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ସମ୍ମାନିତ ଅତିଥି ରୂପେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବିଡ଼ିଓ ରଘୁନାଥ ମୁଣ୍ଡାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ବିଏସଏସଓ ରାଜୁ ପୂଜାରୀ, ପଣଷପୁଟ ସରପଞ୍ଚ ଅର୍ଜୁନ ହନ୍ତାଳ ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ବିଏସଏସଓ ଅମର ମାଡ଼କାମି, ପ୍ରସନଜିତ ଦାସ ପରିଚାଳନା କରିଥିଲେ।

## ୩୦ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ଚିତ୍ରକୋଣ୍ଡା,୧୮।୯(ଡି.ଏନ.ଏ.)- ଚିତ୍ରକୋଣ୍ଡା ପୋଲିସ,ଅବକାରୀ ବିଭାଗ, ଡିଭିଏଫ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଶୁକ୍ରବାର ବଡପଦର ପଞ୍ଚାୟତର ଖାଳପଦର ଓ କଡୋଗୁମ୍ମା ଅଞ୍ଚଳରୁ ୩୦ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ପ୍ରାୟ ୩୮,୦୦୦ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏପରି ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଜିଲା ଓକିଲ ସଂଘ ବୈଠକ



ବୈଠକରେ ଉପସ୍ଥିତ ଆଇନଜୀବୀମାନେ।

ଜୟପୁର, ୧୮।୧୧ (ନି.ପ୍ର.)

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜୟପୁର ଓକିଲ ସଂଘ ପକ୍ଷରୁ ମାସର ଶେଷ ୨ ଦିନ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି । କୋର୍ଟ ବର୍ଜନ କରି ଆନ୍ଦୋଳନ କରୁଥିବା ଓକିଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୁପ୍ରିମକୋର୍ଟ ଚେତାବନୀ ଦେଇଛନ୍ତି । ଏହାକୁ ନେଇ ଜୟପୁରସ୍ଥିତ ଜିଲା ଓକିଲ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅବିଭକ୍ତ କୋରାପୁଟ ଜିଲାର ଜନସାଧାରଣଙ୍କ ସ୍ୱାର୍ଥକୁ ନେଇ କ'ଣ କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଓକିଲ ସଂଘର ୧୪ ଜଣିଆ ଟିମ୍ ଗଠନ କରାଯାଇଛି । ଏହି ଟିମ୍ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଓକିଲ ସଂଘ ସହ ଆଲୋଚନା କରିବ । ଆସନ୍ତା ୨୦ ତାରିଖରେ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ କୋର୍ କମିଟିର ଏକ ବୈଠକ ବସିବ । ବୈଠକରେ ସୁପ୍ରିମକୋର୍ଟଙ୍କ ଚେତାବନୀ ଉପରେ ଆଲୋଚନା କରାଯିବ । ବୈଠକରେ ଜିଲାର ଓକିଲ ସଂଘର ସଭାପତି, ସମ୍ପାଦକ ଓ ୧୪ ଜଣିଆ କମିଟି ଉପସ୍ଥିତ ରହି ଆଲୋଚନା କରିବେ । ପ୍ରତି ମାସର ଶେଷ ୨ ଦିନ ହେଉଥିବା କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିବ ନା ବନ୍ଦ କରାଯିବ ସେ ନେଇ ସେହିଦିନ ନିଷ୍ପତ୍ତି ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବୈଠକରେ ସଭାପତି ସରୋଜ ଦାସ, ସମ୍ପାଦକ ଆନନ୍ଦ ରଥ, ଉପସଭାପତି ଗିରିଧର ଖରାଙ୍କ ସହ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଲମତାପୁଟରେ ଭୀମଭୋଇ ଭୀନ୍ନକ୍ଷମ ଶିବିର

କୋରାପୁଟ,୧୮।୧୧(ସ୍ୱ.ପ୍ର.)- କୋରାପୁଟ ଜିଲା ଲମତାପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ତାପସ ଚାଲାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ଉପସ୍ଥିତ ଥିଲେ। ଏବିଡିଓ ନିଲମ ମାନସୀ ଭତ୍ରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଏମ.ନାଗରାଜ ଆଚାରୀ, ଶିବ ଖେମୁଣ୍ଡୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଦିବ୍ୟାଙ୍ଗ ଭଉଣୀଭାଇଙ୍କୁ ସଠିକ ଚିହ୍ନଟ କରି ସେମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଯୋଗାଇଦେବା ସହ ସରକାରୀ ପାଇବା



ଶିବିରରୁ ଟ୍ରାଇ ସାଇକେଲ ପାଇଥିବା ଭିନ୍ନକ୍ଷମମାନେ।

ଲାଗି ନାମ ପଞ୍ଜୀକରଣ କରିବା ଶିବିରର ଉଦ୍ଦେଶ୍ୟ। ଶିବରରେ ୩୦୪ ଜଣ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଦୃଷ୍ଟିବାଧିତ ୧୧, ମୁକ ଓ ବଧିର ୪୨, ଅସ୍ଥିଶଲ୍ୟ ୧୪୪, ମାନସିକ ରୋଗୀ ୬୨ ଏବଂ ସିକଲସେଲ ୪୫ ଜଣ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ଏହାବ୍ୟତୀତ ବସପାସ ପାଇଁ ୧୧୨ଜଣ, ଆୟ ପ୍ରମାଣପତ୍ର ପାଇଁ ୬୨, ଭତ୍ତା ପାଇଁ ୪୫ ଏବଂ ଡିଆର୍‌ଆଇ ଋଣ ୭, ବାଣିଶ୍ରୀ ଶିକ୍ଷାବୃତ୍ତି ପାଇବାକୁ ୩ ଜଣ ଆବେଦନ କରିଥିଲେ। ଶିବିରରେ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହା ବିଦ୍ୟାଳୟର ଡାକ୍ତରମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲା ଭିନ୍ନକ୍ଷମ ପୂନର୍ବାସ କେନ୍ଦ୍ର, ଶିକ୍ଷା ବିଭାଗ, ମହିଳା ଓ ଶିଶୁ କଲ୍ୟାଣ, ରାଜସ୍ୱ, ରାଜ୍ୟ ପରିବହନ ବିଭାଗ ଏବଂ ସ୍ୱେଚ୍ଛାସେବୀ ବେସରକାରୀ ଅନୁଷ୍ଠାନ ସାମିଲ ହୋଇଥିଲେ।

# ବିଜୟୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ସେମିଳିଗୁଡ଼ା/ସୁନାବେଡ଼ା, ୧୮।୧୧(ସ୍ୱ.ପ୍ର.)

- ଆନ୍ତଃମହାବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ
- ୪ ଖେଳାଳିଙ୍କ ମାସିକ ଫି', ରିଆଡ୍‌ମିଶନ ଫି' ଛାଡ଼ କରାଯିବ: ଅଧ୍ୟକ୍ଷ

ସେମିଳିଗୁଡ଼ା ମହାବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଖେଳାଳିମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁନାବେଡ଼ା ପୌର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ପରିଚାଳନା ସମିତି ସଭାପତି ଡ. ପ୍ରଦୀପ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। କ୍ରୀଡ଼ା ଶିକ୍ଷକ ହରପ୍ରସାଦ ପତି, ଉପଦେଷ୍ଟା ଡ. ଅଲେଖ ପଣ୍ଡା , ପ୍ରଭାତ ବେହେରା, ବିଜୟ ପାଙ୍ଗୀ ସଭା ପରିଚାଳନା କରିଥିଲେ। ସମସ୍ତ ଅତିଥି ଖେଳାଳିଙ୍କ ଭୂୟସୀ ପ୍ରଶଂସା କରିବା ସହ ଦକ୍ଷିଣ ଓଡ଼ିଶାରେ ସେମିଳିଗୁଡ଼ା ମହାବିଦ୍ୟାଳୟ ରାଜ୍ୟ ସ୍ତରରେ ମଧ୍ୟ ଗୌରବ ଆଣିଛି ବୋଲି ପ୍ରକାଶ କରିଥିଲେ। ଅଧ୍ୟକ୍ଷ ଆଚାର୍ଯ୍ୟ ବିଜୟ ଆଣିଥିବା ୪ ଖେଳାଳି ମଧୁ ଜାନି, ସପନ ଜାନି, ଦର୍ଶ ମାଝି, ଏବଂ ସର୍ନଜି ଖରାଙ୍କ ମାସିକ ଫି' ଏବଂ ରିଆଡମିଶନ ଫି' ଛାଡ଼ କରାଯିବ ବୋଲି ଘୋଷଣା କରିଥିଲେ। କ୍ୟାପଟେନ ଉତ୍ତମ ଜାନି ଏବଂ ହରପ୍ରସାଦ ପତିଙ୍କ ନେତୃତ୍ୱରେ ବିଜୟୀ ଖେଳାଳିଙ୍କ ସମେତ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଇଣ୍ଡିଆନ ବ୍ୟାଙ୍କ ଶାଖା ପକ୍ଷରୁ ଖେଳାଳିମାନଙ୍କୁ ଅଭିବାଦନ ପ୍ରଦାନ କରାଯାଇଥିଲା। ସଭାରେ ଦୁଇ ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ସୂତାର ଓ କାବେରୀ ବିଶାଳଙ୍କ ସହ କଲେଜର ଅଧ୍ୟାପିକା, ଅଧ୍ୟାପକ, ଖାନ୍‌ସୀ ସିଂହ, ଦେବରାଜ ନାୟକ, ଶିବାଶିଷ ପଟ୍ଟନାୟକ, ବିଦ୍ୟୁତ୍‌ପ୍ରଭା ରାଉତ, ଶୁଭ୍ରାଂଶୁ ସୁନ୍ଦର ଦାସ, ସୁରେଶ ପାଇକରାୟ, ଗୀତା ପଟ୍ଟନାୟକ, ବିନୋଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ସେମିଳିଗୁଡ଼ା ମହାବିଦ୍ୟାଳୟର ଉପରୋକ୍ତ ୪ ଖେଳାଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଞ୍ଚିରେ ହୋଇଥିବା ସର୍ବଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମିଫାଇନାଲ ମ୍ୟାଚ୍ ସୁନାବେଡ଼ା ଏସି କଲେଜ ଓ ସେମିଳିଗୁଡ଼ା ମହାବିଦ୍ୟାଳୟ ସହ ହୋଇଥିଲା। ଏଥିରେ ୧-୦ ଗୋଲରେ ଏସି କଲେଜକୁ ହରାଇ ସେମିଳିଗୁଡ଼ା ଫାଇନାଲରେ ପ୍ରବେଶ କରିଥିଲା । ପରେ ଫାଇନାଲରେ କନ୍ଧମାଳ ଜିଲାର ସାରଙ୍ଗଗଡ଼ ଡିଗ୍ରୀ ମହାବିଦ୍ୟାଳୟକୁ ୧-୦ ଗୋଲରେ ହରାଇ ସେମିଳିଗୁଡ଼ା ମହାବିଦ୍ୟାଳୟ ବିଜୟୀ ହୋଇଥିଲା ।




ଅତିଥିଙ୍କ ଗହଣରେ କୃତୀ ଖେଳାଳିମାନେ।

# ଗାଁକୁ ନାହିଁ ପକ୍କା ରାସ୍ତା, ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ

ଦଶମନ୍ତପୁର, ୧୮।୧୧( ଡି.ଏନ୍.ଏ )

ଦେଶ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଏଭଳି ଅନେକ ଗ୍ରାମ ରହିଛି ଯେଉଁଠାରେ ପକ୍କାରାସ୍ତା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ। ପଞ୍ଚାୟତରୁ ଆରମ୍ଭ କରି ବ୍ଲକ, ଜିଲା ଏବଂ ରାଜ୍ୟ ପ୍ରଶାସନକୁ ରାସ୍ତା ଓ ଅନ୍ୟ ମୌଳିକ ସମସ୍ୟା ନେଇ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏହାର ଏକ ଉଦାହରଣ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଅଧୀନରେ ଥିବା କେମିଲି ବେଡାପଦର ଗାଁରେ ଦେଖିବାକୁ ମିଳିଛି।

ତୋଟା ଆମ୍ବ ଛକରୁ ଗାଁର ଦୂରତା ୩ କି.ମି.। ଏଠାରେ ୪୪ ଘର ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରିଥାନ୍ତି। ଏମାନଙ୍କ ମୁଖ୍ୟ ଜୀବିକା ହେଲା ପୋଡୁଚାଷ। ଏହି ଗାଁର ପୂର୍ବରେ ଧିପରାଣୀ ଡଙ୍ଗର, ପଶ୍ଚିମରେ କୁଟଣୀ ଗୋଡ଼ ଡଙ୍ଗର, ଉତ୍ତରରେ ଗାଦଲାବାଡ଼ି ଡଙ୍ଗର ଏବଂ ଦକ୍ଷିଣରେ କନ୍ଧଣୀମାଳି ଡଙ୍ଗର ରହିଛି। ପାହାଡ ପର୍ବତ ଘେରା ଗାଁ ହୋଇଥିବାରୁ ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଡାକ୍ତରଖାନା ନେବାକୁ ହେଲେ ଗାଁଠାରୁ ଅଧ କିମି ଦୂର ଆମ୍ଲିଳୀ ଆମ୍ବ ଛକ ଯାଏ ସେମାନଙ୍କୁ ଭାରରେ ବୋହି ଆଣିବାକୁ ହୁଏ। ସେଠାରୁ ଆମ୍ବୁଲାନ୍ସ କିମ୍ବା ଗାଡ଼ି ଯୋଗେ ଦଶମନ୍ତପୁର



ବେଡାପଦର ଗ୍ରାମବାସୀ।

ନହେଲେ କୋରାପୁଟ ଡାକ୍ତରଖାନାକୁ ନିଆଯାଏ ବୋଲି ଗାଁର ଅମି ସାଉନ୍ତା, ମୁଡିଆ ସାଉନ୍ତା, ଟିକମ ସାଉନ୍ତା, ଘାସି ସାଉନ୍ତା, ଦୁର୍ଯ୍ୟ ସାଉନ୍ତା, ବାନ୍ଦ ସାଉନ୍ତା, ରତନ ସାଉନ୍ତା, ଧନେଶ୍ୱର ସାଉନ୍ତା, କେତୁ ସାଉନ୍ତା, କୃଷ ସାଉନ୍ତା, ଶାରୁ ସାଉନ୍ତା ପ୍ରମୁଖ ଗ୍ରାମବାସୀ କହିଛନ୍ତି। ରାସ୍ତା ଅବସ୍ଥା ଯୋଗୁ ଅନେକେ ରୋଗ ହେଲେ ମଧ୍ୟ ଡାକ୍ତରଖାନା ଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ଗାଁ ପାଇଁ ଖଣ୍ଡିଏ ରାସ୍ତା ପାଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛୁ ବୋଲି ଗ୍ରାମବାସୀ କହିଛନ୍ତି। ତୋଟା ଆମ୍ବ ଛକରୁ ଗାଁ ଦେଇ ନନ୍ଦିଗାଁ ପଞ୍ଚାୟତ ଅଧୀନ "ଡି. ସୁଗୁଲି ଗାଁ ଛକ ଯାଏ ୧୦ କିମି ପକ୍କା ରାସ୍ତା ନିର୍ମାଣ ନେଇ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ଡିଆର୍‌ଡିଏ ପିଡି ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସ୍ପିଡ୍ ପୋଷ୍ଟ ଜରିଆରେ ସମସ୍ୟା ଜଣାଇଥିଲେ ମଧ୍ୟ ଏହାର ସମାଦାନ ହୋଇନାହିଁ ବୋଲି ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ଜୋନ୍-୨ ଜିଲା ପରିଷଦ ସଭ୍ୟ ଧନପତି ସାଉନ୍ତା ଅଭିଯୋଗ କରିଛନ୍ତି। ଗାଁରେ ୨ଟି ନଳକୂପ ରହିଛି। ବିଦ୍ୟାଳୟରେ ଥିବା ନଳକୂପଟି ଅଚଳ ହୋଇପଡ଼ିଛି। ଗାଁ ନଳକୂପରୁ ଅଳ୍ପ ପାଣି ବାହରୁଛି। ଗାଁ ଠାରୁ ୨୦୦ ମିଟର ଦୂର ଘୁଷୁରୀଗୁଡା ଚୁଆରୁ ଗ୍ରାମବାସୀ ଜଳ ସଂଗ୍ରହ କରୁଛନ୍ତି ସେ କହିଛନ୍ତି। ରାସ୍ତା ନିର୍ମାଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବେଡାପଦର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

